# ଭାରତମାଳା ରାସ୍ତା ଅବରୋଧ



ପାପଡାହାଣ୍ଡି,୮।୧୨(ସମିସ): ନବରଙ୍ଗପୁର ଜିଲ୍ଲାର ପାପଡାହାଣ୍ଡି ନିକଟ ନିର୍ମାଣଧୀନ ଭାରତମାଳା ରାସ୍ତାକୁ ଓଭରବ୍ରିଜ କିମ୍ବା ଅଣ୍ଡରପାସ ରାସ୍ତା ଦେବା ନିମନ୍ତେ ଡେଙ୍ଗାଗୁଡ଼ା। ପଞ୍ଚାୟତର ୪ଟି ଗ୍ରାମର ଲୋକ ଭାରତମାଳା ରାସ୍ତାକୁ ଅବରୋଧ କରି ରଖିଛନ୍ତି। ଫଳରେ ଭାରତମାଳା ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଛି। ନବରଙ୍ଗପୁର ଠାରୁ ରାଇଘର ଓ ଉମରକୋଟ ଯାତାୟାତ ପାଇଁ ମୁଖ୍ୟ ରାସ୍ତା ୩୯ ନମ୍ବର ରାଜ୍ୟ ରାଜପଥ ପରିବର୍ତ୍ତେ ନିର୍ମାଣଧୀନ ରାସ୍ତାକୁ ବିକଳ୍ପ ରାସ୍ତା ରୂପେ ବର୍ତ୍ତମାନ ବ୍ୟବହାର କରାଯାଉଛି। କିନ୍ତୁ ଏହି ରାସ୍ତାରେ ଆଜି ଗ୍ରାମବାସୀ ଅବରୋଧ କରି ରଖିଥିବା ଯୋଗୁଁ ଅସୁବିଧା ସୃଷ୍ଟି ହୋଇଛି। ଡେଙ୍ଗାଗୁଡ଼ା, ସିଉନାଗୁଡ଼ା, ଭାଲିଆଗୁଡା ଓ ନୂଆଗୁଡା ଗ୍ରାମର ଶତାଧିକ ମହିଳା, ପୁରୁଷ ଓ ଛୋଟ ଶିଶୁ ମଧ୍ୟ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଭାରତମାଳା ରାସ୍ତା ନିର୍ମାଣ ଆରମ୍ଭ ବେଳେ କିଛି ପରିବାର ଙ୍କୁ ଉଛେଦ ହେବାକୁ ପଡିଥିଲା ସେହିମାନଙ୍କୁ ଡେଙ୍ଗାଗୁଡ଼ା ପଞ୍ଚାୟତର ନୁଆଁଗୁଡା ଓ ସିଉନାଗୁଡ଼ାକୁ ସ୍ଥାନାନ୍ତର କରାଯାଇଥିଲା। ନୁଆଁଗୁଡା ଓ ସିଉନାଗୁଡ଼ାର ଜନସାଧାରଣ ଅଙ୍ଗନବାଡି, ସ୍କୁଲ ଓ ପଞ୍ଚାୟତ ସକାଶେ ଡେଙ୍ଗାଗୁଡ଼ା ଉପରେ ନିର୍ଭର କରୁଥିବା ବେଳେ ଡେଙ୍ଗାଗୁଡ଼ାର ଜନସାଧାରଣ ରାସ୍ତାର ଅପର ପାର୍ଶ୍ୱରେ ଥିବା ଜମିରେ ଚାଷ କରି ଜୀବିକା ନିର୍ବାହ କରନ୍ତି। ଏହି ସବୁ ଗ୍ରାମବାସୀଙ୍କ ସକାଶେ ଭାରତମାଳା ରାସ୍ତାରେ ଓଭରବ୍ରିଜ କିମ୍ବା ଅଣ୍ଡରପାସ ନାହିଁ। ଫଳରେ ପ୍ରାୟ ୭ କିଲୋମିଟର ବୁଲି କି ଯିବାକୁ ପଡୁଛି। ଏଣୁ ଓଭରବ୍ରିଜ କିମ୍ବା ଅଣ୍ଡରପାସ , ଉଚ୍ଛେଦ ହୋଇଥିବା ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର, ପାନୀୟ ଜଳ, ବିଦ୍ୟୁତ ସଂଯୋଗ ଭଳି ମୌଳିକ ସୁବିଧା ଯୋଗାଇବା ଦାବିରେ ରାସ୍ତା ଅବରୋଧ କରିଛନ୍ତି। ଏହି ରାସ୍ତାରୋକ୍‌କୁ ପାପଡାହାଣ୍ଡି ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା ଏବଂ କଂଗ୍ରେସ ଦଳର ଜିଲ୍ଲା ସଭାପତି ଯକ୍ଷ ଲିପିକା ମାଝୀ, ପୂର୍ବତନ ଡାବୁଗାଁ ବିଧାୟକ ଭୁଜବଳ ମାଝୀ, କଂଗ୍ରେସ ବରିଷ୍ଠ ନେତା ଈଶ୍ୱର ମିର୍ଗାନ , ବ୍ଲକ ସଭାପତି ୱାଜିର ହୁସେନ ସହ ଅନ୍ୟମାନେ ଗ୍ରାମବାସୀଙ୍କ ଦାବିକୁ ସମର୍ଥନ କରିଥିଲେ। ପାପଡାହାଣ୍ଡି ତହସିଲଦାର ତପନକୁମାର ନାୟକ, ଭାରତମାଳା ରାସ୍ତାର ପ୍ରୋଜେକ୍ଟ ମ୍ୟାନେଜର ଅଭିଷେକ ଶର୍ମା ପ୍ରମୁଖ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସମସ୍ୟାର ସମାଧାନର ରାସ୍ତା ବାହାରି ପାରିନଥିବାରୁ ଆସନ୍ତାକାଲି ଏନ୍‌ଏଚ୍‌ଆଇ ପ୍ରକଳ୍ପ ନିର୍ଦ୍ଦେଶକ ଡେଙ୍ଗାଗୁଡ଼ା ଆସି ତିନିଗ୍ରାମ ବାସୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ତୁରନ୍ତ କରାଯିବ କହିବାରୁ ରାସ୍ତାରୋକରୁ ଲୋକେ ଓହରିଥିଲେ ।ଏନେଇ କୋଡୀଙ୍ଗା ଥାନା ତରଫରୁ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାକୁ ତଦାରଖ କରିଥିଲେ।

## ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ନନ୍ଦାହାଣ୍ଡି, ୮।୧୨(ସମିସ) ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ସଦର ପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟିଆ ଛକ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକ ଜଣକ ହେଉଛନ୍ତି ଦହଣା ପଞ୍ଚାୟତ ଅନ୍ତର୍ଗତ ମୋରାଳୀ ଗ୍ରାମର ହର ଗାଦବା(୨୪)। ସୂଚନାନୁସାରେ ରବିବାର ରାତି ପ୍ରାୟ ସାଢେ ୧୧ଟା ସମୟରେ ମୃତ ହର ନବରଙ୍ଗପୁର ଠାରୁ ନିଜ ଗ୍ରାମକୁ ଫେରୁଥିଲେ। ଘଟଣାସ୍ଥଳରୁ ଜଣାପଡୁଛି ରାସ୍ତାର ଡାହାଣ ପାର୍ଶ୍ୱରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ବାଡେଇ ହୋଇଥିଲେ। ଦୁର୍ଘଟଣା ଏତେ ଭୟାନକ ଥିଲା ଯେ, ସିମେଣ୍ଟ ବିଦ୍ୟୁତ୍ ଖୁଣ୍ଟଟି ଭାଙ୍ଗିରୁଜି ଯାଇଥିଲା। ସୋମବାର ସକାଳେ କିଛି ଲୋକ ଦୁର୍ଘଟଣା ଦେଖି ଉଙ୍ଗରଭେଜା ଫାଣ୍ଡିକୁ ସୂଚନା ଦେଇଥିଲେ। ସୂଚନା ପାଇ ଫାଣ୍ଡି ଅଧିକାରୀ ଗୁଣନିଧି ବାଘ ଘଟଣା ସ୍ଥଳରେ ପହଞ୍ଚି ବାଇକ ଓ ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପୁଲିସ ଏହି ଦୁର୍ଘଟଣା ଏକ ମାମଲା ରୁଜୁ କରି ଘଟଣା ବିଷୟରେ ଅଧିକ ତଦନ୍ତ ଜାରି ରଖିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

## ମିଟୁ ନାନାଙ୍କ ପରଲୋକ



ନନ୍ଦପୁର,୮।୧୨(ସମିସ): ନନ୍ଦପୁର ସଦର ମହକୁମା ବାହାରିପଡା ଗ୍ରାମର ମୋନୋଜ କୁମାର ପାଙ୍ଗି (ମିଟୁ ନାନା) ଆଉ ନାହାନ୍ତି । ଆନ୍ଧ୍ର ପ୍ରଦେଶର ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ସମସ୍ତଙ୍କୁ ହସାଉ ଥିବା ମିଟୁ ନାନା ଏବେ ସମସ୍ତଙ୍କୁ କନ୍ଦାଇ ଚାଲିଗଲେ। ସୂଚନା ଅନୁଯାୟୀ, ଗତ ୫ ତାରିଖ ଦିନ ହଠାତ୍ ଅସୁସ୍ଥ ହେବାରୁ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଙ୍କ ପରାମର୍ଶରେ ପଡୋଶୀ ଆନ୍ଧ୍ର ପ୍ରଦେଶର ର ଏକ ଘୋରେଇ ମେଡିକାଲରେ ଭମର୍ତ୍ତି କରାଯାଇଥିଲା। ରବିବାର ମଧ୍ୟ ରାତ୍ରରେ ତାଙ୍କର ପରଲୋକ ଘଟିଥିଲା। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

# ଡିସେମ୍ବର ୧୪ରେ ରାୟଗଡ଼ା ସାହିତ୍ୟ ମହୋତ୍ସବ



### ଦାଶ ବେନହୂରଙ୍କୁ ରାୟଗଡ଼ ସାହିତ୍ୟ ସମ୍ମାନ

ରାୟଗଡା, ୮।୧୨(ସମିସ): ଚଳିତ ବର୍ଷ ରାୟଗଡା ସାହିତ୍ୟ ସମ୍ମାନ ପାଇବେ ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର। ଆସନ୍ତା ଡିସେମ୍ବର ୧୪ରେ ରାୟଗଡା ସାହିତ୍ୟ ଉତ୍ସବ ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ରାୟଗଡା ସାହିତ୍ୟ ମହୋତ୍ସବ କମିଟି ପକ୍ଷରୁ କୁହାଯାଇଛି। ନ୍ୟୁ ଟାଉନ ପୂଜା କମିଟି ସମ୍ମିଳନୀ କକ୍ଷରେ କମିଟିର ସଭାପତି ଡ଼ ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ପରିଷଦ ବୈଠକରେ ଚଳିତ ବର୍ଷର ସମ୍ମାନ ପ୍ରଦାନ ନେଇ ଆଲୋଚନା ହୋଇଥିଲା। ପ୍ରତିଥର ଭଳି ଉଦଘାଟନୀ ଅଧିବେଶନ ସହ ଗଳ୍ପ ଓ କବିତା ଅଧିବେଶନ ଆୟୋଜିତ ହେବ ଏବଂ ଏଥିରେ ବିଶିଷ୍ଟ ଗାଳ୍ପିକ ବିଷ୍ଣୁ ସାହୁ, ନିର୍ବାଣର ସମ୍ପାଦକ ଚନ୍ଦ୍ରକାନ୍ତ ବିଶ୍ୱାଳ ଅତିଥିଭାବେ ଯୋଗଦେଉଥିବା ବେଳେ କବିତା ଅଧିବେଶନରେ ବିଶିଷ୍ଟ କବୟିତ୍ରୀ ଜୟନ୍ତିକା, କବୟିତ୍ରୀ ପ୍ରୀତିଧାରା ସାମଲ, କବୟିତ୍ରୀ ମାଧୁରୀ ପଣ୍ଡା ଅତିଥିଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ମହୋତ୍ସବର ସମ୍ପାଦକ ସୁଶାନ୍ତ କୁମାର ନାୟକ ମତବ୍ୟକ୍ତ କରିଛନ୍ତି। ସେହିପରି ନିମନ୍ତ୍ରିତ ଗାଳ୍ପିକ ସର୍ବଶ୍ରୀ ଶିବାଶିଷ ପାଢୀ, ଶ୍ରୀଧର ପଟ୍ଟନାୟକ ଓ ରୁପେଶ ସାହୁ ସ୍ୱରଚିତ ଗଳ୍ପ ପଠନ କରିବେ। ଉଦଘାଟନୀ ସମାରୋହରେ ରାୟଗଡ଼ା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ବିଶିଷ୍ଟ ଅତିଥିଭାବେ ଯୋଗଦେବାକୁ ସମ୍ମତି ପ୍ରଦାନ କରିଛନ୍ତି ବୋଲି ଉତ୍ସବର ସଂଗଠନ ସମ୍ପାଦକ ଡ. ଦ୍ୱିତୀଚନ୍ଦ୍ର ସାହୁ ସୂଚନା ପ୍ରଦାନ କରିଛନ୍ତି। ଜଗଦିଶ ଚନ୍ଦ୍ର ଦୋରା, ଲାବଣ୍ୟ ପଟ୍ଟନାୟକ, ଶିବ ମିଶ୍ର, ରବି ଶତପଥି, ଅରୁଣ ପାଣିଗ୍ରାହୀ, ଦେବେନ୍ଦ୍ର କୁମାର ବାଉରୀ, ଶ୍ରୀଧର ପଟ୍ଟନାୟକ, ବିମଳ ଚାନ୍ଦ ପଟ୍ଟନାୟକ, ସସ୍ମିତା କୁମାରୀ ଆଚାର୍ଯ୍ୟ, ହୃଷିକେଶ ରଥ, ପ୍ରଶାନ୍ତି ସାହୁ, ମାୟାଧର ସାହୁ, ସସ୍ମିତା ମିଶ୍ର, ମନୋରଞ୍ଜନ ମିଶ୍ର, ଇ ଗୌରୀ ଶଙ୍କର, ଲୋକନାଥ ପଣ୍ଡା, ନୀଳମଣି ପାଟଯୋଶୀ, ମହାଶ୍ୱେତା ପାଣିଗ୍ରାହୀ, ମଞ୍ଜୁଶ୍ରୀ ମୁଖାର୍ଜୀ, କଲ୍ୟାଣୀ ସାସମଲ, ପଦ୍ମିନୀ ମିଶ୍ର, ଅରୁଣ ଲେଙ୍କା, ଶିବସୁନ୍ଦର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

# ଆନ୍ଦୋଳନରେ ଶିକ୍ଷକ ଶିକ୍ଷୟିତ୍ରୀ ; ରାମନାଗୁଡ଼ା ଓଏଭିରେ ପାଠପଢା ବାଧାପ୍ରାପ୍ତ



ରାମନାଗୁଡ଼ା,୮।୧୨(ସମିସ): ଆଦର୍ଶ ବିଦ୍ୟାଳୟ ମହାସଂଘ, ଓଡ଼ିଶାର ଆହ୍ୱାନରେ ୧୩ ଦଫା ଦାବି ନେଇ ରାଜ୍ୟବ୍ୟାପୀ ଶିକ୍ଷକ ଶିକ୍ଷୟିତ୍ରୀ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଦାବି ନେଇ ରାଜ୍ୟ ସରକାରଙ୍କୁ ଜଣାଇ ବିଫଳ ହେଲା ପରେ ଗତ ନଭେମ୍ବର ୨୪ ତାରିଖରୁ କଳାବ୍ୟାଜ୍ ପରିଧାନ, ୨୬ ତାରିଖରୁ ୨୯ ପର୍ଯ୍ୟନ୍ତ ବିଦ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବା ସହିତ ସମସ୍ତ ବିଧାୟକ ଏବଂ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ପ୍ରଦାନ କରାଯାଇଥିଲା। ଏହା ସତ୍ତ୍ୱେ ଯଦି ସରକାର କୌଣସି ପଦକ୍ଷେପ ନ ନିଅନ୍ତି, ତେବେ ଡିସେମ୍ବର ୮ ତାରିଖରୁ ରାଜ୍ୟବ୍ୟାପୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବିଦ୍ୟାଳୟରୁ ସମୂହ ଛୁଟି ନେଇ ରାଜ ରାସ୍ତାକୁ ଓହ୍ଲେଇବେ ବୋଲି ଚେତାବନୀ ଦେଇଥିଲେ। ସୋମବାର ଦିନ ରାଜ୍ୟ ସଂଗଠନର ଆହ୍ୱାନରେ ଜିଲ୍ଲାର ୧୧ ଗୋଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସମୂହ ଛୁଟିରେ ରହି ଆନ୍ଦୋଳନରେ ଯୋଗ ଦେଇଛନ୍ତି। ଫଳରେ ଜିଲ୍ଲାର ଏହି ସମସ୍ତ ବିଦ୍ୟାଳୟରେ ଆଜି ପାଠପଢ଼ା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ସୂଚନା ଅନୁଯାୟୀ ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବଜାୟ ରହିବ। ଏହି ବିଷୟକୁ ନେଇ ଅବିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

# ବହୁମୁଖୀ ସମବାୟ ସମିତିର ଅର୍ଥ ଆତ୍ମସାତ୍ ଘଟଣାର ତଦନ୍ତ ଆରମ୍ଭ

### ଭିଜିଲାନ୍ସ ତଦନ୍ତ ଦାବି କଲେ ଚାଷୀ



ମାଥିଲି,୮ ।୧୨ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକର ବହୁମୁଖୀ ସମବାୟ ସମିତିରେ ଗତ ୨୦୨୨ ଠାରୁ ୨୦୨୪ ମଧ୍ୟରେ ୨କୋଟି ୪୯ ଲକ୍ଷ ୨୪ ହଜାର ୩୨୪ ଟଙ୍କାର ଅର୍ଥ ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ କରିଛନ୍ତି ଚାଷୀ ମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥିବା ନିର୍ଦ୍ଦେଶକ ମାନେ କରିଛନ୍ତି। କିଛି ମାସ ପୂର୍ବରୁ ୟୁରିଆ ଘୋଟାଲାରେ ମାଥିଲି ଲ୍ୟାମ୍ପସ ପରିଚାଳନା କମିଟିକୁ ଜିଲ୍ଲା ପ୍ରଶାସନ ନିଲମ୍ବିତ କରିଛନ୍ତି। ନିଲମ୍ବିତ ହେବା ପରେ କେସିସି ବ୍ୟାଙ୍କର ପୂର୍ବତନ ଶାଖା ପରିଚାଳକ ବିଦ୍ୟାଧର ପ୍ରଧାନ, ଲ୍ୟାମ୍ପସ ପରିଚାଳିକା ସନ୍ତୋସି ପରିଡା ଓ କ୍ୟାସିଆର ପ୍ରଶାନ୍ତ କୁମାର ନାୟକଙ୍କ ନାମରେ କୋଟି କୋଟି ଅର୍ଥ ଆତ୍ମସାତର ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ ଆଣିଥିଲେ ନିଲମ୍ବିତ ନିର୍ଦ୍ଦେଶକ ମାନେ। ଏହି ଅଭିଯୋଗକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ମାଥିଲି ଲ୍ୟାମ୍ପସରେ ତଦନ୍ତ ଆରମ୍ଭ ହୋଇଛି। ଗତ ବୁଧବାର ଦିନ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁଇ ଜଣିଆ ତଦନ୍ତକାରୀ ଅଧିକାରୀ ମାଥିଲି ଲ୍ୟାମ୍ପସରେ ପହଞ୍ଚି ସମସ୍ତ ପ୍ରକାର କାଗଜପତ୍ର ଯାଞ୍ଚ ଆରମ୍ଭ କରିଥିଲେ। ତଦନ୍ତ କେତେ ଦୂର ଯାଇଛି ବୋଲି ଆମେ ଦୁଇ ତଦନ୍ତକରୀ ଅଧିକାରୀଙ୍କୁ ପଚାରିବାରୁ ଏବେ ଲ୍ୟାମ୍ପସର କାଗଜପତ୍ର ଯାଞ୍ଚ ହୋଇଛି। ଏହି ତଥ୍ୟ ଜିଲ୍ଲା ପ୍ରଶାସନ ନିକଟରେ ଦାଖଲ କରିବା ପରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ କେସିସି ବ୍ୟାଙ୍କର କାଗଜ ପତ୍ର ଯାଞ୍ଚ କରିବା ପରେ ସମସ୍ତ ତଥ୍ୟ ସଂଗ୍ରହ ପରେ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିବୁ ବୋଲ କହିଥିଲେ ତଦନ୍ତ କାରୀ ଅଧିକାରୀ ମାନେ। ନିର୍ଦ୍ଦେଶକମାନଙ୍କ ଅଭିଯୋଗ ଉପରେ ଲ୍ୟାମ୍ପସ ପରିଚାଳିକ ଶ୍ରୀମତୀ ପରିଡାଙ୍କୁ ପଚାରିବାରୁ କିଛି କହି ପାରିବି ନାହିଁ ବୋଲି ସିଧାସଳଖ ମନା କରିଦେଇଥିଲେ। ଏ ନେଇ କେସିସି ବ୍ୟାଙ୍କର ପୂର୍ବତନ ପରିଚାଳକ ଶ୍ରୀ ପ୍ରଧାନଙ୍କୁ ପଚାରିବାରୁ ଏବେ ତଦନ୍ତ ଆରମ୍ଭ ହୋଇଛି । ତଦନ୍ତ ଅଧିକାରୀ ଯାହା ସବୁ ତଥ୍ୟ ମାଗିବେ, ତାର ଲିଖିତ ଭାବେ ଦେବା ପାଇଁ ପ୍ରସ୍ତୁତ ଅଛି। କିଛି ଚାଷୀମାନେ ଏହି ତଦନ୍ତରେ ସନ୍ତୁଷ୍ଟ ନାହାନ୍ତି। ଏହି ତଦନ୍ତ ଭିଜିଲାନ୍ସ ଦ୍ୱାରା କରିବାକୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି ହୋଇଛି।

### ● ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କଲେ ସାଂସଦ ପ୍ରତିନିଧି

# ୧୬୭ଟି ଅଭିଯୋଗର ଶୁଣାଣି କଲେ ଜିଲ୍ଲପାଳ



ମୁନିଗୁଡା,୮ ।୧୨(ସମିସ): ମୁନିଗୁଡା ଅଞ୍ଚଳର ଦିବ୍ୟାଙ୍ଗ ମାନଙ୍କ ସମସ୍ୟା ସହ କଲ୍ୟାଣ ବିଭାଗୀୟ ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ସହ ଲିଖିତ ଅଭିଯୋଗ କଲେ ସ୍ଥାନୀୟ ସାଂସଦ ପ୍ରତିନିଧି ରଜନୀ କାନ୍ତ ପୋଡାଲ। ଭିନ୍ନକ୍ଷମ ଶିବିରରେ ଦିବ୍ୟାଙ୍ଗ ମାନଙ୍କୁ ଶତପ୍ରତିଶତ ଭିନ୍ନକ୍ଷମ ପ୍ରମାଣ ପତ୍ର ଥିବା ଦିବ୍ୟାଙ୍ଗ ମାନଙ୍କ ପ୍ରମାଣ ପତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରାଯାଇ ଅଧିକାଂଶ ପ୍ରମାଣ ପତ୍ରରେ ୯୦ ପ୍ରତିଶତ ଥିବା ଦିବ୍ୟାଙ୍ଗଙ୍କୁ ୧୮ ପ୍ରତିଶତ ଓ ୧୦୦ ପ୍ରତିଶତ ଥିବା ଦିବ୍ୟାଙ୍ଗଙ୍କୁ ୪୦ ପ୍ରତିଶତ ପ୍ରମାଣ ପତ୍ର ଦିଆଯାଇଥିଲା। ଏହାକୁ ନେଇ ଭିନ୍ନକ୍ଷମ ଓ ତାଙ୍କ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୋଲା ବାମନ ମୂର୍ତ୍ତି ଅଭିଭାବକ ମାନଙ୍କୁ ଦୁର୍ବ୍ୟବହାର, ଲୋକପ୍ରତିନିଧି ଓ ବୁଦ୍ଧିଜୀବୀ ମାନଙ୍କୁ ନାଲି ଆଖି ଦେଖାଇବା ସହ ସ୍ଥାନୀୟ ନବମ ଶ୍ରେଣୀ ଛାତ୍ରଙ୍କୁ ବିଦ୍ୟାଳୟରେ ଆଡମିସନ ନ କରି ଅନ୍ୟତ୍ର ପଠାଇବା ବେଳେ ଅଭିଭାବକ ମାନେ ଅଭିଯୋଗ କଲେ ସେଠାରୁ ଥାନା ଅଧିକାରୀଙ୍କୁ ଡକାଇ ଧମକ ଦେବା ଘଟଣା ଅଭିଭାବକ ମାନେ ଦୀର୍ଘଦିନ ଧରି କରି ଅଭିଯୋଗ କରି ଆସୁଛନ୍ତି। ମଙ୍ଗଳ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଆଜି ଗ୍ରାମବାସୀଙ୍କ ସମେତ ସାଂସଦ ପ୍ରତିନିଧି ରଜନୀ କାନ୍ତ ପୋଡାଲ ମୁନିଗୁଡା ଠାରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ପହଞ୍ଚି ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଦିବ୍ୟାଙ୍ଗ ମାନଙ୍କ ବିଷୟକୁ ଗୁରୁତ୍ୱ ଦେବା ପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ପ୍ରଧାନ ଶିକ୍ଷକଙ୍କ ଘଟଣାକୁ ମଧ୍ୟ ଗୁରୁତ୍ୱ ଦେଇଥିବା ଦେଖିବାକୁ ମିଳିଛି। ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଉକ୍ତ ଦିବ୍ୟାଙ୍ଗ ମାନଙ୍କ ପ୍ରମାଣ ପତ୍ରକୁ ସରେଣ୍ଡର କରାଯାଇଥିବା ଜଣାପଡିଛି। ଆଜି ମୋଟ ୧୬୬ଟି ଅଭିଯୋଗ ଶିବିରରେ ଗ୍ରହଣ କରାଯାଇଥିଲା। ଶିବିରରେ ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ମୁନିଗୁଡା ଥାନା ଅଧିକାରୀ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିବା ବେଳେ ମୁନିଗୁଡା ବ୍ଲକ କାର୍ଯ୍ୟାଳୟ କର୍ମଚାରୀ ସହଯୋଗ କରିଥିଲେ।

## ରାସ୍ତା ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

କୋରାପୁଟ/ ପୋଡ଼ାଗଡ଼,୮ ।୧୨(ସମିସ): ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଓଡପୁର ଗ୍ରାମରୁ ଭାରତମାଳା ପ୍ରକଳ୍ପ ରାସ୍ତା ପର୍ଯ୍ୟନ୍ତ ଏକ ମିନି ଲିଙ୍କ ରାସ୍ତା ନିର୍ମାଣ ପାଇଁ ଆଜି ପଞ୍ଚାୟତବାସୀ ଭୁବନେଶ୍ୱର ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଦଶମନ୍ତପୁର ଏବଂ ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ପାଞ୍ଚଟି ଗ୍ରାମପଞ୍ଚାୟତ ପାଇକା ଫୁଲାବେଡା, ଏ. ମାଲକାନଗିରି, ନନ୍ଦିଗାଁ, ଲୁଲ୍ଲା ଏବଂ ହରିଡାଗୁଡା ବାସିନ୍ଦା ମାନଙ୍କ ତରଫରୁ ଦାବିପତ୍ର ପ୍ରଦାନ କରାଯାଇଛି। ଭାରତମାଳା ପ୍ରକଳ୍ପ ରାସ୍ତା (ରାୟପୁର-ବିଶାଖାପାଟଣା କରିଡର) ଓଡ଼ପୁର ଗ୍ରାମରୁ ପ୍ରାୟ ୫୦୦ ମିଟର ଦୂରରେ ଯାଇଛି। ସିଧାସଳଖ ସଂଯୋଗ ରାସ୍ତା ନ ଥିବାରୁ, ସ୍ଥାନୀୟ ବାସିନ୍ଦା ରାଜପଥରେ ପହଞ୍ଚିବା ପାଇଁ ବହୁତ ଲମ୍ବା ରାସ୍ତାରେ ଯିବାକୁ ପଡୁଛି। ଭାରତମାଳା ରାସ୍ତା ନିକଟତର ହେବା ସତ୍ତ୍ୱେ ସଂଯୋଗକାରୀ ରାସ୍ତାର ଅଭାବ ଏକ ସ୍ଥାୟୀ ବାଧା ସୃଷ୍ଟି କରିଛି। ମାତ୍ର ୫୦୦ମିଟରର ଏକ ସଂଯୋଗ ରାସ୍ତା ପ୍ରାୟ ୫୦ କିଲୋମିଟର କିମ୍ବା ତା'ଠାରୁ ଅଧିକ ବାଟ ପରିବର୍ତ୍ତନର ଆବଶ୍ୟକତାକୁ ଦୂର କରିବ ବୋଲି ଦାବିପତ୍ରରେ ଦର୍ଶାଯାଇଛି। ଏହା ଦ୍ୱାରା ହଜାର ହଜାର ବାସିନ୍ଦା ଜାତୀୟ ରାଜପଥକୁ ଦ୍ରୁତ ଏବଂ ସିଧାସଳଖ ପହଞ୍ଚି ପାରିବେ। ତଦନ୍ତ କରାଯାଇ ଉଚିତ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଥିବା ରମେଶ ଖରା କହିଛନ୍ତି। ଦାବିପତ୍ର ପ୍ରଦାନ ବେଳେ କୋରାପୁଟ ବିଧାୟକ ରଘୁରାମ ମାଛଙ୍କ ସହ ରମେଶ ଖରା, ପୂର୍ବତନ ସମିତି ସଭ୍ୟ ଜଗବନ୍ଧୁ ବାଘ, ସୁବାସ ସାଗର ଏବଂ ଘାସିରାମ କନ୍ଧପାଣ ଉପସ୍ଥିତ ଥିଲେ।

# ସାମ୍ବାଦିକଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା



ନନ୍ଦପୁର/ବାଲଡା ୮।୧୨ (ସମିସ): ନନ୍ଦପୁର ବ୍ଲକ ଅଞ୍ଚଳରେ କାର୍ଯ୍ୟରତ କର୍କଟ ପୀଡ଼ିତ ସାମ୍ବାଦିକ ଅବଦୁଲ ରସିଦ ଖାନଙ୍କ ଚିକିତ୍ସା ଲାଗି କୋରାପୁଟ ଜିଲ୍ଲା ରେଡକ୍ରସ ସୋସାଇଟି ଓ ଓୟୁଜେ ଅନୁବନ୍ଧିତ କୋରାପୁଟ ଜିଲ୍ଲା ସାମ୍ବାଦିକ ସଂଘ (କେଜେଡଏସଏସ) ତରଫରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସଂଘର ଅନୁରୋଧ ରକ୍ଷାକରି ଅବଦୁଲଙ୍କ ଚିକିତ୍ସା ନିମନ୍ତେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ରେଡକ୍ରସ ପାଣ୍ଠିରୁ ଟ ୩୦ ହଜାର ଟଙ୍କା ମଞ୍ଜୁର କରିଥିଲେ। ସେହିଭଳି ସାମ୍ବାଦିକ ସଂଘ ତରଫରୁ ୫୧ ହଜାର ପ୍ରଦାନ କରାଯାଇଛି। ସୋମବାର କେଜେଡଏସଏସ ସଭାପତି ଶଶଧର ରାଉତଙ୍କ ନେତୃତ୍ୱରେ ଉପ ସଭାପତି ଜଗତ ଜୀବନ କଟିମ୍, ନନ୍ଦପୁର ବ୍ଲକ ସଂଯୋଜକ ତଥା କଲ୍ୟାଣ କମିଟି ସଦସ୍ୟ ତୁଷାର କାନ୍ତ ମହାନ୍ତି, ଲମତାପୁଟ ବ୍ଲକ ସଂଯୋଜକ ତଥା କଲ୍ୟାଣ କମିଟି ସଦସ୍ୟ ପ୍ରତାପ ନିମାଲ୍, ସାମ୍ବାଦିକ ପ୍ରଣୟ ପ୍ରସାଦ ପଟ୍ଟନାୟକ, ଶଙ୍କର ପୂଜାରୀ, ଚିତ୍ତରଞ୍ଜନ ପଟ୍ଟନାୟକ, ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ସାତସେମିଳୀ ସ୍ଥିତ ଅବଦୁଲଙ୍କ ବାସଭବନରେ ପରିବାରକୁ ଭେଟିଥିଲେ। ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ମା ବିବି ହାଲିମା ସ୍ତ୍ରୀ ହାଜିରା ବେଗମ ଓ ଥୁବା ପଞ୍ଚାୟତର ପୂର୍ବତନ ସରପଞ୍ଚ ଶେଖ୍ ଗଫୁରଙ୍କ ଉପସ୍ଥିତିରେ ୫୧ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ। ତାଙ୍କ ଅସମୟରେ ଆର୍ଥିକ ସହାୟତା ପ୍ରଦାନ କରିଥିବାରୁ କୋରାପୁଟ ଜିଲ୍ଲା ପ୍ରଶାସନ ସମେତ ଓୟୁଜେ ଅନୁବନ୍ଧିତ କୋରାପୁଟ ଜିଲ୍ଲା ସାମ୍ବାଦିକ ସଂଘର ସମସ୍ତ କର୍ମକର୍ତ୍ତାଙ୍କୁ ଅବଦୁଲ ଓ ପରିବାର ସଦସ୍ୟ କୃତଜ୍ଞତା ଜ୍ଞାପନ କରିଛନ୍ତି।

# 'ପରବ' ଜିଲ୍ଲାସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ



ଜୟପୁର,୮ ।୧୨(ସମିସ) : କୋରାପୁଟ ଜିଲ୍ଲାସ୍ତରୀୟ 'ପରବ' ଲୋକ ମହୋତ୍ସବ ଅବସରରେ ଜିଲ୍ଲାସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ସ୍ଥାନୀୟ ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟର ସୀମାଦ୍ରୀ ମହାରଣା ଭବନ ଠାରେ ଉଦ୍‌ଘାଟନୀ ଉତ୍ସବହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ମନୋଜ ସତ୍ୟ ୱାନ ମହାଜନ ଯୋଗଦେଇ ଉଦ୍‌ଘାଟନ କରିବା ସହିତ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ସ୍ଥାନୀୟ ଚାରୁ ଓ କାରୁକଳା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା ପ୍ରଦର୍ଶନୀ ବୁଲି ଦେଖିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରୀଛାତ୍ର ମାନଙ୍କୁ ପୁରସ୍କୃତ କରାଯାଇଥିଲା। କନିଷ୍ଠ ବର୍ଗରେ ପ୍ରଥମ ବୈପାରୀଗୁଡା ବ୍ଲକ୍ ଦୁରିଆଗୁଡା ସେବାଶ୍ରମର ଛାତ୍ରୀ ରୀତା ସାନ୍ତା, ଦ୍ୱିତୀୟ ଜୟପୁର ବ୍ଲକ ଫାମ୍ପୁଣି ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଆୟୁଷ୍ମାନ ମହାରଣା, ତୃତୀୟ ଜୟପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ଛାତ୍ରୀ ଅପରାଜିତା ମହାପାତ୍ର। ବରିଷ୍ଠ ବିଭାଗରେ ପ୍ରଥମ ସ୍ଥାନୀୟ ଶ୍ରୀବିକ୍ରମ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟର ଛାତ୍ର ସପନ ସିଂ ମାଝି ଦ୍ୱିତୀୟ ସୁନାବେଢା ମହିଳା ଯୁକ୍ତ୨ ମହାବିଦ୍ୟାଳୟର ଛାତ୍ରୀ ରଞ୍ଜିତା ଦୋରା, ତୃତୀୟ କୋଲାବ ନଗର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଅବସଲାମ ହିଆଲ ଏବଂ ସର୍ବବରିଷ୍ଠ ବିଭାଗରେ ପ୍ରଥମ ବୋରିଗୁମ୍ମା ଭୈରବ ମହାବିଦ୍ୟାଳୟର ଛାତ୍ର ଆଶୁତୋଷ ପାଣିଗ୍ରାହୀ, ଦ୍ୱିତୀୟ ସ୍ଥାନୀୟ ଜୟପୁର ଝିଅ ଶ୍ରାବଣୀ ଦିଗାଲ, ତୃତୀୟ ପଟଙ୍ଗୀ ମହାବିଦ୍ୟାଳୟର ଛାତ୍ର ଅନନ୍ତ ପୁଙ୍ଗାରୀ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ବିଜେତା ମାନଙ୍କ ଅଙ୍କିତ ଚିତ୍ର ମଧ୍ୟ ପ୍ରଦର୍ଶନୀ ରେ ପ୍ରଦର୍ଶିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନୀୟ ଅତିଥି ଭାବେ ଉପଜିଲ୍ଲାପାଳ ଏ. ଶଶ୍ୟା ରେଡ଼ି, ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଜିଲ୍ଲା ଯୋଜନା ତଥା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା, ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ପୂଜା ରାଉତ ମଞ୍ଚାସିନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟପୁର ବିଇଓ ଚନ୍ଦନ କୁମାର ନାୟକ, ପୂର୍ବତନ ଜିଲ୍ଲା ସଂସ୍କୃତି ଅଧିକାରୀ କୃଷ୍ଣଚନ୍ଦ୍ର ନିଶଙ୍କ ଉପସ୍ଥିତ ରହିଥିବା ବେଳେ କାରୁକଳା ବିଦ୍ୟାଳୟର ପ୍ରଶିକ୍ଷକ ପଦ୍ମଚରଣ ଚୌଧୁରୀ, କ୍ରୀଷ୍ଣା ପାଙ୍ଗୀ, ସୌଭାଗ୍ୟ ପାତ୍ର, ଶିକ୍ଷୟିତ୍ରୀ ରିଙ୍କି ପାଣିଗ୍ରାହୀ, କଲ୍ୟାଣି ସ୍ୱାଇଁ, କର୍ମଚାରୀ କେ. ସୁନୀଲ କୁମାର, ସୁରେନ୍ଦ୍ର ବାଘ, ପୂର୍ବତନ ଛାତ୍ର ଦୀପକ ଦାଶ, ନୃସିଂହ ଷଡଙ୍ଗୀ, ଶ୍ରୀକାନ୍ତ ବାରିକ, ପି ଶ୍ରୀନିବାସ, ସୁରେଶ ନାୟକ ପ୍ରମୁଖ ସହଯୋଗରେ ଏହା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଉପଖଣ୍ଡ ଲୋକ ସମ୍ପର୍କ ଅଧିକାରୀ ଯୋଶଦା ଗାଦବା ପରିଚାଳାନା କରିଥିଲେ।



## ପ୍ରଶାସନିକ ଅଧିକାରୀଙ୍କ ଅବହେଳା

# ବିସ୍ଥାପିତ ହେବେ ୩ ଗ୍ରାମର ଅଧିବାସୀ



### କ୍ଷତିପୂରଣ ନଦେଲେ ଆନ୍ଦୋଳନ ଧମକ

ମାଥିଲି,୮।୧୨ (ସମିସ): ମାଲକାନଗିରି ଜିଲ୍ଲାରେ ନୂତନ ରେଳ ଲାଇନ ପାଇଁ ରେଳ ବିଭାଗ ପକ୍ଷରୁ ଖଇରପୁଟ ଓ ମାଥିଲି ତହସିଲ ଅଞ୍ଚଳରେ ଜମି ଅଧିଗ୍ରହଣ କାର୍ଯ୍ୟ ଚାଲୁ ରହିଛି। ଯେଉଁ ମାନଙ୍କର ଜମିରେ ରେଳ ଲାଇନ ଯାଉଛି ସେମାନଙ୍କୁ ତହସିଲ କାର୍ଯ୍ୟାଳୟ ଦ୍ୱାରା ଚିହ୍ନଟ କରାଯିବା ସହ ଜମି ହରାଉ ଥିବା କିଛି ହିତାଧିକାରୀଙ୍କୁ ସରକାରୀ ନିୟମ ଅନୁଯାୟୀ ଜମିର ମୂଲ୍ୟ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଛି। ମାଥିଲି ତହସିଲ ଅନ୍ତର୍ଗତ ମୁଣ୍ଡାଗୁଡ଼ା ରାଜସ୍ୱ ଗ୍ରାମର ପଡା ଗ୍ରାମ ବଳଦିଆଗୁଡ଼ା, କସାବାହଲ, ପଲାରିପଦର୍ ଏହି ତିନୋଟି ପଡା ଗ୍ରାମର ଲୋକମାନେ ଦୀର୍ଘବର୍ଷ ହେବ ଜଙ୍ଗଲ ଜମିରେ ପୀଢି ପୀଢି ଧରି ଚାଷ କରି ନିଜର ପରିବାରର ଗୁଜୁରାଣ ମେଣ୍ଟାଇ ଆନ୍ତି। ଏହା ସହିତ ତିନୋଟି ପଡା ଗ୍ରାମ ଗୁଡିକର ଲୋକମାନେ ଗତ ୨୦୦୭ ମସିହା ଠାରୁ ଜଙ୍ଗଲ ଜମି ପଟ୍ଟା ପାଇଁ ବାରମ୍ବାର ଆବେଦନ କରିଥିଲେ। କିନ୍ତୁ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ପାଇଁ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ସେମାନଙ୍କୁ ଜଙ୍ଗଲ ଜମି ପଟ୍ଟା ଯୋଗାଇ ପାରି ନଥିଲେ। ଏବେ ଯେତେବେଳେ ଜିଲ୍ଲାକୁ ରେଳ ଲାଇନ ଯାଉଛି ସେହି ଜମି ଉପର ଦେଇ ଯାଉଛି। ଯେହେତୁ ଲୋକ ମାନଙ୍କ ପାଖରେ ଜଙ୍ଗଲ ଜମି ପଟ୍ଟା ନାହିଁ, ସେଥିପାଇଁ ରେଳ ବିଭାଗ ଜଙ୍ଗଲ ସେମାନଙ୍କୁ କୌଣସି କ୍ଷେତିପୂର୍ଣ ଦିଆଯିବ ନାହିଁ ବୋଲି ସିଧାସଳଖ ମନା କରି ଦେଇଛି। ପଲାରିପଦର୍ ପଡା ଗ୍ରାମର ଅନେକ ଲୋକ ମାନଙ୍କର ନିଜର ଜମିବାଡ଼ି ନଥିବାରୁ ଏହି ଜଙ୍ଗଲ ଜମି ଉପରେ ଚାଷ କରି ପରିବାର ଚଳାଇ ଆନ୍ତି। ଏବେ ରେଳ ବିଭାଗ ପକ୍ଷରୁ ସେହି ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ କରିବାରୁ ସେମାନଙ୍କ ମୁଣ୍ଡରେ ଏବେ ଚଡ଼କ ପଡିଛି। ରେଳ ଲାଇନ୍ ପାଇଁ ବିସ୍ଥାପିତ ହେଉଥିବା ବଳଦିଆଗୁଡା, କଷାବାହାଲ ଓ ପଲାରିପଦର ତିନୋଟି ପଡା ଗ୍ରାମର ଲୋକମାନେ ଏକତ୍ରିତ ହୋଇ ଚଳିତ ମାସ ୧ ତାରିଖରେ ମାଲକାନଗିରି ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଗୋଟିଏ ସପ୍ତାହ ମଧ୍ୟରେ ଏହାର ସମାଧାନ କରିବାକୁ ଜିଲ୍ଲାପାଳ ତିନୋଟି ଗ୍ରାମବାସୀ ଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଜିଲ୍ଲାପାଳ ନିଜର ପ୍ରତିଶୃତି ରକ୍ଷା କରି ନଥିବାରୁ ଆଜି ପଲାରିପଦର ଠାରେ ବିସ୍ଥାପିତ ଜନ ସଂଗ୍ରାମ ସମିତି ସଭାପତି ଇଡିମା କୁରାମିଙ୍କ ନେତୃତ୍ୱରେ ରେଳ ଲାଇନରେ ବିସ୍ଥାପିତ ହେଉଥିବା ତିନୋଟି ଗ୍ରାମବାସୀ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳୀର ସାଂସଦ ମାଥିଲି ବ୍ଲକ ପ୍ରତିନିଧି ବନମାଳୀ ବରଜା, ମାଥିଲି ପଞ୍ଚାୟତ ସରପଞ୍ଚ କାନାମରାଜୁ ନାୟକ, ଜଙ୍ଗଲ କମିଟି ସଭାପତି ସନିଆ ଭୂମିଆ, ସମ୍ପାଦକ ହରି ନାୟକ ଓ ସମାଜସେବୀ ରାଜେନ୍ଦ୍ର ଦଳପତି ପ୍ରମୁଖ ଉପସ୍ଥିତ ହୋଇ ରେଳ ଲାଇନ ପାଇଁ ବିସ୍ଥାପିତ ହେଉଥିବା ତିନୋଟି ପଡା ଗ୍ରାମର ଲୋକ ମାନଙ୍କ ସହିତ ଆଲୋଚନା କରିଥିଲେ। ଆଜିର ଏହି ବୈଠକରେ ନିଷ୍ପତ୍ତି କ୍ରମେ ବିସ୍ଥାପିତ ଜନ ସଂଗ୍ରାମ ସମିତି, ଜଙ୍ଗଲ କମିଟି ଓ ବିସ୍ଥାପିତ ଲୋକମାନେ ମିଳିତ ଭାବରେ ଜିଲ୍ଲାପାଳଙ୍କୁ ଏକ ଲିଖିତ ଅଭିଯୋଗ କରାଯିବ ବୋଲି ସ୍ଥିର ହୋଇଛି। ଯଦି ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିଯୋଗ ଆଧାରରେ ବିସ୍ଥାପିତ ଲୋକ ମାନଙ୍କୁ ରେଳ ବିଭାଗ ପକ୍ଷରୁ କ୍ଷତି ପୂରଣ ଦିଆ ନଯାଏ ତାହେଲେ ଆଗାମୀ ଦିନରେ ମିଳିତ ଭାବରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଜଣଙ୍କୁ ହତ୍ୟା କଲେ ମାଓବାଦୀ



ମାଲକାନଗିରି, ୮।୧୨(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତରେ ପୁଣି ମାଓ ହିଂସା। ଛତିଶଗଡ଼ର ପାମେଡ଼ ପୁଲିସ ଷ୍ଟେସନ ଅଞ୍ଚଳରେ ଜଣଙ୍କୁ ହତ୍ୟା କରିଛନ୍ତି ମାଓବାଦୀ। ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ ଜଣେ ଠିକାଦାର ଇମତିଆଜ ଅଲିଙ୍କୁ ପ୍ରଥମେ ମାଓବାଦୀ ମାନେ ଅପହରଣ କରିଥିଲେ। ଅପହରଣ ପରେ, ମାଓବାଦୀ ମାନେ ଠିକାଦାରଙ୍କ ଗଳା କାଟି ହତ୍ୟା କରିଥିବା ଜଣାପଡିଛି। ଘଟଣାସ୍ଥଳରେ ଉପସ୍ଥିତ ଠିକାଦାରଙ୍କ ଜଣେ ସହଯୋଗୀ କୌଣସି ପ୍ରକାରେ ମାଓବାଦୀ ମାନଙ୍କ କବଳରୁ ଖସି ଆସି ଇରାପାଲି ମେଟାଗୁଡେମ ସୁରକ୍ଷା ଶିବିରରେ ପହଞ୍ଚି ଘଟଣା ବିଷୟରେ ଅଧିକାରୀମାନଙ୍କୁ ଜଣାଇଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ଆଦର୍ଶ ବିଦ୍ୟାଳୟରେ ଛୁଟି, ଛାତ୍ରଛାତ୍ରୀ ଶିକ୍ଷାରୁ ବଞ୍ଚିତ

କଲ୍ୟାଣସିଂହପୁର,୮।୧୨(ସମିସ): ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁର ସଦର ଠାରେ ଥିବା ଆଦର୍ଶ ବିଦ୍ୟାଳୟର ଶିକ୍ଷକ ମାନେ ନିଜର ଅଧିକାର ହାସଲ କରିବା ପାଇଁ ଓ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାକୁ କଳା ବ୍ୟାଜ ପିନ୍ଧି ରାଜ୍ୟ ଠାରୁ ବ୍ଲକ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଥିଲେ। ପରେ ନିଜନିଜ ବିଦ୍ୟାଳୟରେ ଶ୍ରେଣୀ ସାରିବା ପରେ ଧାରଣା ଦେଇ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ। କିନ୍ତୁ ସରକାର କୌଣସି ପଦକ୍ଷେପ ନନେବାରୁ ବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀଙ୍କୁ ଫେରାଇ ଦେଇଛନ୍ତି ଶିକ୍ଷକ ମାନେ। ବିଦ୍ୟାଳୟରେ ଶିକ୍ଷକ ନରହି ଧାରଣାରେ ଯୋଗ ଦେବାପାଇଁ ଚାଲି ଯାଇଥିବାରୁ ପିଲାମାନେ ଶିକ୍ଷା ଦାନରୁ ବଞ୍ଚିତ ରହିଥିବା ଅବିଭାବକ ମାନେ ପ୍ରକାଶ କରିଛନ୍ତି। ଶିକ୍ଷକ ଶିକ୍ଷା ଦାନ ପାଇଁ ଉପସ୍ଥିତ ରହି ନଥିବାରୁ ବିଦ୍ୟାଳୟକୁ ଯାଇଥିବା ପିଲାଙ୍କୁ ଫେରାଇ ଦେଇଥିବା ଛାତ୍ର ଛାତ୍ରୀ ମାନେ କହିଛନ୍ତି। ବିଦ୍ୟାଳୟରେ କୌଣସି କାର୍ଯ୍ୟ କିମ୍ବା ପିଲାଙ୍କ ଶିକ୍ଷା ଦାନ ଉପରେ ସୁବିଧା ଅସୁବିଧା ହେଲେ ୱାଟ୍ସଅପ ମଧ୍ୟରେ ଅବିଭାବକଙ୍କୁ ସୂଚନା ପ୍ରଦାନ କରିଥାନ୍ତି ବିଦ୍ୟାଳୟ ଶିକ୍ଷକ ଓ ଶିକ୍ଷୟିତ୍ରୀ। କିନ୍ତୁ ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକର ଥିବା ଆଦର୍ଶ ବିଦ୍ୟାଳୟ ବିନା ସୂଚନାରେ ଛୁଟି ବୋଲି କହି ପିଲାଙ୍କୁ ଫେରାଇ ଦେଇଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ହୋଇଛି। ଏ ସମ୍ପର୍କରେ ବିଦ୍ୟାଳୟର ଅଧ୍ୟାପକ ସଂଗୀତ ପାଲକାଙ୍କୁ କିଛି ଅବିଭାବକ ପଚାରିବାରୁ ଶିକ୍ଷକଙ୍କ ସମସ୍ୟା ପାଇଁ ଧାରଣରେ ଅଛନ୍ତି। ଶହ ଶହ ପିଲାଙ୍କୁ ମୁଁ ଜଣେ କ'ଣ ପଢେଇ ପାରିବି ବୋଲି ପ୍ରଶ୍ନ କରିଛନ୍ତି।

# ଜେଏନ୍‌ଭି ଛାତ୍ରଛାତ୍ରୀଙ୍କ ମିଟ୍ସ ରାୟଗଡ଼ା ଭ୍ରମଣ




ରାୟଗଡା, ୮/୧୨(ସମିସ): ଦୁଇ ଦିନ ଧରି କଳାହାଣ୍ଡି ଜିଲ୍ଲାର ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ(ଜେଏନଭି) ନର୍ଲାର ଛାତ୍ରଛାତ୍ରୀ ମାନେ ଶିକ୍ଷାମୂଳକ ଓ ଅନୁଭବମୂଳକ ଭ୍ରମଣ ପାଇଁ ରାୟଗଡା ଜିଲ୍ଲା କୋଲନାରା ବ୍ଲକ ଭୁଜବଳ ସ୍ଥିତ ମଝିଘରିଆଣି ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ଆଣ୍ଡ ସାଇନ୍ସ (ମିଟ୍ସ)କୁ ଗସ୍ତ କରିଛନ୍ତି। ମିଟ୍ସ ଶିକ୍ଷାନୁଷ୍ଠାନ ପକ୍ଷରୁ ସମସ୍ତଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଚଳିତ ମାସ ଗତ ୬ ଏବଂ ଆଜି ୮ ତାରିଖରେ ଏହି ଶିକ୍ଷାମୂଳକ ଓ ଅନୁଭବମୂଳକ ଭ୍ରମଣରେ ଦ୍ୱାଦଶ ଶ୍ରେଣୀର (ଆର୍ଟ୍ସ ଓ ସାଇନ୍ସ)ର ପ୍ରାୟ ଶହେ ଜଣ ଛାତ୍ରଛାତ୍ରୀ ଦୁଇଟି ବ୍ୟାଚ୍‌ରେ ତାଙ୍କର ଶିକ୍ଷକମାନଙ୍କ ସହିତ ବାଲମୁରଳୀ କୃଷ୍ଣଙ୍କ ନେତୃତ୍ୱରେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚ ଶିକ୍ଷା ସଂସ୍ଥା, ଉନ୍ନତ ଲାବୋରେଟରୀ, କୃଷି ଓ ବାୟୋଟେକ୍ନୋଲୋଜି ସୁବିଧା ତଥା ଶିଳ୍ପ ସମ୍ପର୍କିତ ଭିତ୍ତିଭୂମି ସହିତ ଅନୁଭବ ଦେବା ଏହି ଭ୍ରମଣର ଉଦ୍ଦେଶ୍ୟ ଥିଲା। ମିଟ୍ସ କ୍ୟାମ୍ପସରେ ଛାତ୍ରଛାତ୍ରୀମାନେ ବିଭିନ୍ନ ଶିକ୍ଷା ଓ ଗବେଷଣା ବିଭାଗ ସମ୍ପର୍କରେ ପରିଚିତ ହୋଇଥିଲେ। ଏହି ଭ୍ରମଣ ବେଳେ ମିଟ୍ସ ଇଞ୍ଜିନିୟରିଂ କଲେଜର ବାୟୋଟେକ୍ନୋଲୋଜି ବିଭାଗ, କୃଷି କଲେଜ୍ (ଏମଆଇପିଏସ )ର ବିଭିନ୍ନ ବୈଜ୍ଞାନିକ ଓ ଇଞ୍ଜିନିୟରିଂ ଲ୍ୟାବରେଟରୀ, କୃଷି ଫିଲ୍ଡ ଲ୍ୟାବ୍ ଓ ପ୍ରଦର୍ଶନ ପ୍ଲଟ୍‌ଗୁଡିକ, ମିଟ୍ସ ମେଗା ଫୁଡ୍ ପାର୍କ, ଯେଉଁଠି ସେମାନେ ଖାଦ୍ୟ ପ୍ରସ୍ତୁତିକରଣ ୟୁନିଟ୍ ଓ ଭାଲ୍ୟୁ-ଆ୍ୟାଡିସନ୍ ଟେକ୍ନୋଲୋଜି ବୁଲି ଦେଖିଥିଲେ । ପରେ ଏକ ଆଲୋଚନାତ୍ମକ ସେସନ୍‌ରେ ଡ଼ିସି. ଭି. ଗୋପୀନାଥ, ନିର୍ଦ୍ଦେଶକ, ମିଟ୍ସ ରାୟଗଡା, ପ୍ରାଧାନାଚାର୍ଯ୍ୟ ପ୍ରୋଫେସର ରାମାନୁଜ ନାୟକ ଓ ବରିଷ୍ଠ ଶିକ୍ଷକମାନଙ୍କ ସହିତ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ସଙ୍ଗେ ଆଲୋଚନା କରିଥିଲେ। ଶ୍ରୀ ଗୋପୀନାଥ ଦ୍ୱାଦଶ ଶ୍ରେଣୀ ପରେ ଉପଲବ୍ଧ ଇଞ୍ଜିନିୟରିଂ, ମେଡିସିନ୍, ଲ, ପର୍ଫର୍ମିଙ୍ଗ ଆର୍ଟ୍ସ, ଡିଫେନ୍ସ ସେବା, କୃଷି, ବାୟୋଟେକ୍ନୋଲୋଜି ଓ ଭବିଷ୍ୟତ ଟେକ୍ନୋଲୋଜି ପରି ବିଭିନ୍ନ ପ୍ରସ୍ତାବିତ କେରିଅର ଅବସର ବିଷୟରେ ଆଲୋକପାତ କରିଥିଲେ । ମିଟ୍ସର ଶିକ୍ଷକ ଏବଂ କର୍ମଚାରୀମାନେ ଭ୍ରମଣ, ଲ୍ୟାବ୍ ପ୍ରଦର୍ଶନ , ପରିବହନ ସହଯୋଗ ଓ ଆତିଥ୍ୟ ସୁବିଧାକୁ ଯଥୋଚିତ ଭାବେ ବ୍ୟବସ୍ଥାପନ କରି ଏକ ସୁନିଷ୍ଠା ଓ ଶିକ୍ଷଣମୂଳକ ଅନୁଭବ ସୃଷ୍ଟି କରିଥିଲେ। ଏହି ଭ୍ରମଣ ଛାତ୍ରଛାତ୍ରୀମାନଙ୍କ ଶିକ୍ଷାମୂଳକ ବିସ୍ତାରକୁ ବୃଦ୍ଧି କରିବା ସହ ସେମାନଙ୍କୁ ବିଭିନ୍ନ ସଂଶାସ୍ତ୍ର, ଶିକ୍ଷା ପରିବେଶ ଓ ଶିଳ୍ପ-ସଂସ୍ଥାନ ସଂଯୁକ୍ତ ସୁବିଧା ବିଷୟରେ ପ୍ରାୟୋଗିକ ଜ୍ଞାନ ଦେଇ କାର୍ଯ୍ୟସଫଳ ହୋଇଛି ବୋଲି ଶ୍ରୀ ଗୋପୀନାଥ ପ୍ରକାଶ କରିଛନ୍ତି।




# ମା' ମାଣିକେଶ୍ୱରୀ ସାହିତ୍ୟ ସାଂସ୍କୃତି ଓ କଳା ପରିଷଦର ବାର୍ଷିକ ଉତ୍ସବ

ଗୁଡାରୀ, ୮।୧୨(ସମିସ): ଗୁଡାରୀ ସ୍ଥିତ ମା'ମାଣିକେଶ୍ୱରୀ ସାହିତ୍ୟ ସାଂସ୍କୃତି ଓ କଳା ପରିଷଦ ତରଫରୁ ଚତୁର୍ଥ ବାର୍ଷିକ ଉତ୍ସବ ରବିବାର ଦିନ ପାଳିତ ହୋଇଯାଇଛି। କମିଟିର ସଭ୍ୟ ଅମିୟ ପୁରୋହିତ ବିତିଯାଇଥିବା ୪ ବର୍ଷର ବିବରଣୀ ପାଠ କରିଥିଲେ। ପରେ ସୂଚନା ଓ ପ୍ରସାରଣ ଅଧୀକାରୀ ଭାରତ ସରକାର ପ୍ରଦୀପ କୁମାର ଚୌଧୁରୀ, ଅବସରପ୍ରାପ୍ତ ଶିକ୍ଷକ ଉଦୟ ଚନ୍ଦ୍ର ପଣ୍ଡା, ବିଶିଷ୍ଟ ଶିକ୍ଷାବିତ୍ ପ୍ରତାପ ରାୟ ଏବଂ କଳା ପରିଷଦର ସଭାପତି ଦିଲିପ ସେଠୀ, ସ୍ଥାନୀୟ ଆର.କେ ବିଦ୍ୟାଳୟର ଅଧ୍ୟକ୍ଷ ଜିତେନ୍ଦ୍ର ପଟ୍ଟନାୟକଙ୍କୁ ଉପଢୌକନ ଓ ଫୁଲ ତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନଙ୍କ ମଧ୍ୟରେ ଶ୍ରୀ ଚୈଧୁରୀ ଓଡ଼ିଶାର କଳା ସଂସ୍କୃତି ଏବଂ ମିନାଝୋଲା ଶୈବପୀଠର ଅବିର୍ଭାବ ଉପରେ ନିକ୍ଷୁଣ ଭାବରେ ମଞ୍ଚରେ ଉପସ୍ଥାପନ କରିଥିଲେ। ସେହିପରି ଅନ୍ୟ ଅତିଥିମାନେ ଭାରତ ସାଂସ୍କୃତିକ ସଭ୍ୟତା ସମାଜ ସାହିତ୍ୟ କଳାକୁ ନେଇ ନିଜ ନିଜର ମନ୍ତବ୍ୟରେ ପରିପ୍ରକାଶ କରିଥିଲେ। ସମ୍ପାଦକ ଗୌରିଶଙ୍କର ମିଶ୍ରଙ୍କ ସମ୍ମାନକୁ ରକ୍ଷାକରି ଉପସ୍ଥିତ ଥିବା ବ୍ୟକ୍ତି ବିଶେଷ ମାନଙ୍କ ମଧ୍ୟରେ ଗୁଡାରୀ ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ତାଙ୍ଗୁଡୁ ଜଗନ୍ନାଥ ରାଓ, ଭବାନୀ ରାଜୁ, ଅଧ୍ୟାପିକା, ସୁଶ୍ରୀ ଅମ୍ରିତା ଗାଣ୍ଟା, ରାଜେନ୍ଦ୍ର ଖରା, ସୁଶ୍ରୀ ମଧୁସ୍ମିତା ଜାନୀ ଙ୍କୁ ମଞ୍ଚରେ ମାନପତ୍ର ମୂର୍ତ୍ତୀ ଶିଳା ମାଧ୍ୟମରେ ପୁରସ୍କୃତ କରାଯାଇଥିଲା। ଶେଷରେ ଗୁଡାରୀ ବ୍ଲକ ଏବଂ ପରିଷଦର ଲୁକ୍କାୟିତ କଳାକାର ମାନଙ୍କ ଦ୍ୱାରା ଭଜନଓ ଆଧୁନିକ ଗୀତ ପରିବେଷଣ କରାଯାଇଥିଲା। ଏହାକୁ ଉପଭୋଗ କରିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ପ୍ରବଳ ଶୀତ ସତ୍ତ୍ୱେ କାର୍ଯ୍ୟକ୍ରମ ରାତ୍ର ୧୧ଟା ପର୍ଯ୍ୟନ୍ତ ଚାଲିଥିଲା।

# ସ୍ପନ୍ଦନା ସାହିତ୍ୟ ଅନୁଷ୍ଠାନର ବାର୍ଷିକ ଉତ୍ସବ



ରାୟଗଡ଼ା ୮।୧୨(ସମିସ): ରାୟଗଡ଼ା ସ୍ପନ୍ଦନା ସାହିତ୍ୟ ଅନୁଷ୍ଠାନ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଲେଖକ, କବି ଏବଂ ବିଶାଖାପାଟଣା ନିବାସୀ କେ.ଜି. ବେଣୁ ଯୋଗ ଦେଇଥିଲେ। ରାୟଗଡା ସହରର ନିୟୁ କଲୋନୀ ସ୍ଥିତ ସ୍ଥାନୀୟ ରାମଲିଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ 'ସ୍ପନ୍ଦନା'ର ୩୦ତମ ବାର୍ଷିକୀ ପାଳନ ହୋଇଥିଲା। ରାୟଗଡା ପୌରପାଳିକାର ଅଧ୍ୟକ୍ଷ ମହେଶ ପଟ୍ଟନାୟକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସଭାପତି ଗୁଡଲା ଗୌରୀ ଶଙ୍କର ରାଓ , ସଂଗଠନ କୋଣ୍ଡାଭାଲାସା ଲକ୍ଷ୍ମଣ ରାଓ, ହିରୋ ଶ୍ରୀକାନ୍ତ ଏବଂ ଲେଖକ ଜଲାଦିଙ୍କ ଭଳି ଅନେକ ପ୍ରସିଦ୍ଧ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଛି। ସ୍ପନ୍ଦନା ନାଟ୍ୟ ସ୍କୁଲର ଛାତ୍ରଛାତ୍ରୀମାନେ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରିଥିଲେ। ଯାଦୁଗର ମୁରଲୀ ପଟ୍ଟନାୟକଙ୍କ ଦ୍ୱାରା ପ୍ରଦର୍ଶିତ ଯାଦୁ ପ୍ରଦର୍ଶନ ସମସ୍ତଙ୍କୁ ପ୍ରଭାବିତ କରିଥିଲା। ସ୍ପନ୍ଦନା ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର କରାଯାଇଥିଲା। ସାଂସ୍କୃତିକ ସଚିବ କୋଣ୍ଡାଭାଲାସା କୃଷ୍ଣମୂର୍ତ୍ତି ପଟ୍ଟନାୟକ ଏବଂ ଯୁଗ୍ମ ସମ୍ପାଦକ ବାଲକୃଷ୍ଣ ପଟ୍ଟନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସଂଗଠନର ସମ୍ପାଦକ ଡକ୍ଟର ପାଥିୱାଡା ତୁଳସୀଦାସ, ଭଲ୍ଲାମୁଦି ନାଗରାଜୁ, ପି. ଶଙ୍କର ରାଓ, ରାମମୋହନ ପଟ୍ଟନାୟକ, ଲାଡି ସତୀଶ କୁମାର ଏବଂ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା କଳାକାରମାନଙ୍କୁ ସ୍ମାରକୀ ଏବଂ ଶାଲ ଦେଇ ସମ୍ମାନିତ କରାଯାଇଥିଲା।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ



ଦୁର୍ଗୀ, ୮।୧୨(ସମିସ ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଦୁର୍ଗୀ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଷମକଟକ ବିଡିଓ ଶିବ ପ୍ରସାଦ ପଟ୍ଟନାୟକ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ ପଞ୍ଚାୟତ ପିଇଓ ପଞ୍ଚାନନ ପୀଡିକାକା, ଏଡିଓ ତାଣ୍ଡବ ଗମାଙ୍ଗ, ଆରଆଇ ସିଧଲା ରାଜୁ, ଏମ ଆଇ ନିରନ ସାହୁ କୃଷି ଗ୍ରାମସେବକ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ଆଜି ମୋଟ ୬ ଗୋଟି ଅଭିଯୋଗ ବିଡ଼ିଓ ପାଖକୁ ଆସିଥିଲା। ଏହି ସମୟରେ ସ୍ଥାନୀୟ ସରପଞ୍ଚ ବିଜୟକୁମାର କୁମୁରୁକା ନାୟକ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବର, ପଞ୍ଚାୟତ ସ୍ତରୀୟ ନେତା ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଗ୍ରାମପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର



ଚନ୍ଦ୍ରପୁର, ୮।୧୨(ସମିସ): ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ଗ୍ରାମପଞ୍ଚାୟତ ପରିସରରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରଞ୍ଜିତା ବ୍ରେକବେଡା ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମ୍ୟକାନ୍ତ ବଙ୍ଗାଳ, ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ଜିଡିପିଓ ରାଜେନ୍ଦ୍ର ପାଳ, କନିଷ୍ଠ ଯନ୍ତ୍ରୀ ଦେବାଶୀଷ ଗୌଡ଼, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉମାକାନ୍ତ ମଶାଲ ,ଏସ୍‌ଟିଏସ, ପି ଗୁପ୍ତାପା, ଶିଶୁ ବିକାଶ ବିଭାଗ ନିରୀକ୍ଷଣ ଅଧିକାରୀ, ନାଏବ ସରପଞ୍ଚ ଧବଳେଶ୍ୱର ପରିଚ୍ଛା , ୱାର୍ଡ ମେମ୍ବର ମହେନ୍ଦ୍ର ଲିଡୁଙ୍ଗା, ପ୍ରେମୀ ବାଗସିଂ, ମଙ୍ଗଳା ଦେପୋସ୍କାଙ୍କ ଉପସ୍ଥିତିରେ ୪ଗୋଟି ଅଭିଯୋଗ ଶୁଣାଣୀ ହୋଇଥଲା। ଉକ୍ତ ଅଭିଯୋଗ ଗୁଡ଼ିକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଲାଇନ୍ ବିଭାଗ ଅଧିକାରୀ ଉପସ୍ଥିତ ନଥିବାରୁ ପଞ୍ଚାୟତର ସରପଞ୍ଚ, ୱାର୍ଡମେମ୍ବର ଦୁଃଖ ପ୍ରକାଶ କରିଥିଲେ। ଶିବିରକୁ ପରିଚାଳନା କରିଥିଲେ ପିଓ ଆଶତୋଷ ପାଣିଗ୍ରାହୀ। ଏଥିରେ ସହଯୋଗ କରିଥିଲେ ଯୋଗାଣ ସହାୟକ ପ୍ରବୀର ପାତ୍ର ।

# ଗୁଡାରୀ ନିଆଁକୁ ଆୟତ୍ତ କଲେ ଯୁବଗୋଷ୍ଠୀ



ଗୁଡାରୀ, ୮।୧୨(ସମିସ): ସୋମବାର ଦିନ ଗୁଡାରି ଅନ୍ତର୍ଗତ ବିରିସାନାଳ ନିକଟସ୍ଥ ଏକ ବିଶାଳକାୟ ଗଛମୂଳରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେବା ଫଳରେ ଗଛଟି ନିଆଁ ଲାଗି ହୁତ୍‌ହୁତ୍ ହୋଇ ଜଳିବାରେ ଲାଗିଥିଲା। ଏହି ଦୃଶ୍ୟ ଦେଖି ଗୁଡାରି ଯୁବକ ଲଙ୍କେଶ୍ୱର ସାହୁ, ଗଙ୍ଗାଧର ସାହୁ, ଏଲ୍ ଦିଲୀପ କୁମାର ନିଆଁକୁ ଲିଭାଇବାକୁ ଚେଷ୍ଟା କରିଥିଲ। କିନ୍ତୁ ନିଆଁ ଆୟତକୁ ନ ଆସିବାରୁ ୧୧୨ କୁ ଯୋଗାଯୋଗ କରି ଅଗ୍ନିଶମ ବିଭାଗ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଯେଉଁ ୧୧୨ ନମ୍ବରରେ ଗୁଡାରି ଅଗ୍ନିଶମ ବିଭାଗକୁ ଯୋଗାଯୋଗ କରାଯାଇଥିଲା ତାହା ଜିପିଆରଏସ ମାଧ୍ୟମରେ ଗାଜିଗୁଡା ଦେଖାଇଥିବା ଅଗ୍ନିଶମ ବିଭାଗ ଜଣାଇଥିଲେ । ଏଣୁ ଅଗ୍ନିଶମ ବିଭାଗ ୧ ଘଣ୍ଟା ବିଳମ୍ବରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଇତିମଧ୍ୟରେ ସ୍ଥାନୀୟ ଲୋକ ପ୍ରାୟ ୫୦ ଭାଗ ନିଆଁକୁ ଆୟତ କରିସାରିଥିଲେ। ଗଛ ପାଖରେ ଥିବା ଏକର ଏକର ଧାନ ଫସଲ ମଧ୍ୟ ରକ୍ଷା ପାଇ ଯାଇଥିଲା। ଗଛଟି ଜରାଜୀର୍ଣ୍ଣ ଅବସ୍ଥାରେ ରାସ୍ତା ପାର୍ଶ୍ୱରେ ଥିବା ହେତୁ ଯାନବାହନ ଯାତାୟତ କରୁଥିବା ଯାତ୍ରୀଙ୍କ ପ୍ରତି ବିପଦ ସୃଷ୍ଟି କରିବା ଯଥେଷ୍ଟ ସମ୍ଭାବନା ରହିଛି। ପ୍ରଶାସନ ଏ ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ପୋଷ୍ୟ ସନ୍ତାନ ରଥ ଶୁଭାରମ୍ଭ



ଗୁଣୁପୁର, ୮।୧୨(ସମିସ): ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶ କ୍ରମେ ଗୁଣୁପୁର ବ୍ଲକ ଠାରେ ପୋଷ୍ୟ ସନ୍ତାନ ରଥର ଶୁଭାରମ୍ଭ ହୋଇଯାଇଛି। କିଶୋରୀ ନ୍ୟାୟ ତଥା ଶିଶୁ ଯତ୍ନ ଓ ସୁରକ୍ଷା ଅଧିନିୟମ ୨୦୧୫ ଏବଂ ପୋଷ୍ୟ ସନ୍ତାନ ଗ୍ରହଣ ନିୟମାବଳୀ ୨୦୨୩ ଦ୍ୱାରା ପୋଷ୍ୟ ସନ୍ତାନ ଗ୍ରହଣ କରିପାରିବେ ବୋଲି କୁହାଯାଇଛି। ଏହି ରଥ ଗୁଣୁପୁର ବ୍ଲକରେ ତିନି ଦିନ ଧରି ୧୯ ଟି ଗ୍ରାମପଞ୍ଚାୟତରେ ସଚେତନତା ବାର୍ତ୍ତା ପ୍ରଦାନ କରିବ। କାର୍ଯ୍ୟକ୍ରମରେ ଗୁଣୁପୁର ଶିଶୁ ବିକାଶ ଅଧିକାରୀ ସୁଶ୍ରୀ ସୁଷମା ପ୍ରସାଦ ସାହାରା ପରିବାର ପରାମର୍ଶ କେନ୍ଦ୍ରର ସଚିବ ପ୍ରମୋଦ କୁମାର ସାହୁ, କିନ୍ନର ତଥା ସାମାଜିକ କର୍ମୀ ପିଙ୍କି ମହାପାତ୍ରଙ୍କ ସହ ଗୁଣୁପୁର ବ୍ଲକର ସମସ୍ତ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ।

## ରହୁଛନ୍ତି କୋରାପୁଟ ଜିଲ୍ଲା, ସୁବିଧା ନେଉଛନ୍ତି ମାଲକାନଗିରିରେ

# ଜଙ୍ଗଲ ଜମି ପଟ୍ଟା ବଣ୍ଟନ ପାଇଁ ଦ୍ୱନ୍ଦ୍ୱରେ ମାଥିଲି ବନ ବିଭାଗ

ମାଥିଲି, ୮।୧୧ (ସମିସ): କୋରାପୁଟ ଜିଲ୍ଲାରେ ବସବାସ ଏବଂ ଜିଲ୍ଲା ମାନ୍ୟତା ବି ପାଉଛନ୍ତି । କିନ୍ତୁ ହାତେଇଛନ୍ତି ମାଲକାନଗିରି ଜିଲ୍ଲାର ସରକାରୀ ସୁବିଧା ସୁଯୋଗ। ଏ ସମସ୍ୟାର ସମାଧାନ ପାଇଁ ବାରମ୍ବାର ଅଞ୍ଚଳବାସୀ ଚେଷ୍ଟା କରୁଥିଲେ ମଧ୍ୟ ତାହା ସ୍ଥାୟୀ ସମାଧାନ ହୋଇ ପାରିନାହିଁ। ଅବିଭକ୍ତ କୋରାପୁଟ ଜିଲ୍ଲାକୁ ୧୯୯୨ ଅକ୍ଟୋବର ୨ ତାରିଖରେ ବିଭାଜନ କରାଯାଇ ୪ଟି ଜିଲ୍ଲା ଗଠନ ହୋଇଛି। ଏହା ଭିତରେ ମାଲକାନଗିରି ଜିଲ୍ଲାକୁ ସ୍ୱତନ୍ତ୍ର ମାନ୍ୟତା ଦିଆଗଲା । କିନ୍ତୁ ମାନ୍ୟତା ପାଇବାର ୩୨ ବର୍ଷରୁ ଅଧିକ ହେବି ମାଥିଲି ଓ ଖଇରପୁଟ ବ୍ଲକର ଅନେକ ଗାଁ ରହିଛି, ଯେଉଁଠି କି ସେଠାକାର ବାସିନ୍ଦା ସମସ୍ତ ପ୍ରକାର ସରକାରୀ ସୁବିଧା ହାତେଇଛନ୍ତି ମାଲକାନଗିରି ଜିଲ୍ଲାରୁ। ସେମାନଙ୍କର ଆଧାର କାର୍ଡ, ଭୋଟର କାର୍ଡ, ରାସନ କାର୍ଡ ଠାରୁ ଆରମ୍ଭ କରି ସମସ୍ତ ପ୍ରକାର ସରକାରୀ ଯୋଜନା ଗୁଡିକ ମାଲକାନଗିରି ଜିଲ୍ଲାର ବୋଲି ଦର୍ଶା ଯାଉଥିବା ବେଳେ ସେହି ଗାଁ ଗୁଡ଼ିକ କିନ୍ତୁ ରାଜସ୍ୱ ମାନଚିତ୍ରରେ କୋରାପୁଟ ଜିଲ୍ଲା ବୋଲି ଦର୍ଶାଯାଇଛି। ସେହି ଗାଁ ଗୁଡ଼ିକରେ ବିଦ୍ୟାଳୟ, ଅଙ୍ଗନବାଡ଼ି, ସମସ୍ତ ପ୍ରକାର ଉନ୍ନୟନ କାର୍ଯ୍ୟ ମାଲକାନଗିରିଜିଲ୍ଲାରେ ରହିଛି ବୋଲି ଦର୍ଶାଯାଇଛି । ଏପରିକି ପୂର୍ବରୁ ଅନେକ ଲୋକଙ୍କୁ ମାଲକାନଗିରି ଜିଲ୍ଲା ଦର୍ଶାଇ ଜଙ୍ଗଲ ଜମିପଟ୍ଟା ମଧ୍ୟ ପ୍ରଦାନ କରାଯାଇଛି। ପୁଣି ଅନେକ ଲୋକ ଜଙ୍ଗଲ ଜମି ପଟ୍ଟା ପାଇବା ପାଇଁ ଆବେଦନ କରିଥିବା ଜଣାପଡ଼ିଛି। ପ୍ରକୃତ ବିଷୟ ଜାଣିପାରି ମାଥିଲି ଜଙ୍ଗଲ ବିଭାଗ ତଦନ୍ତ ରିପୋର୍ଟ ଦେବାପାଇଁ ରୋକ୍‌ଠୋକ୍ ମନା କରିଦେଇଛନ୍ତି। ଏ ସମ୍ପର୍କରେ ଗୋବିନ୍ଦପାଲ୍ଲୀ ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକଙ୍କୁ ଯୋଗାଯୋଗ କରିବାରୁ ଖଇରପୁଟ ବ୍ଲକ ଅନ୍ତର୍ଗତ ଗୋବିନ୍ଦପାଲି ପଞ୍ଚାୟତର ରାଜସ୍ୱ ଗ୍ରାମ ବାଲିଆମ୍ବ, ଗୌଡ଼ଗୁଡା, ଡକ୍ରିଯୋଡି, ଡାବୁଗୁଡା, ଡମବେଡା, ରୁଞ୍ଜି, ନୂଆଗୁଡା, ଅନ୍ଧାରି, ଗୋଲାରୀଗୁଡା, ବଡ଼ଘାଟ, ଡବାଯୋଡି, ପାଖାନାଗୁଡା, ମାଲାଗୁଡା, କମଲାପଦର, ଗୋଜିଆଗୁଡା ପନ୍ଦରଟି ଗାଁ, ମାଡ଼କାପଦର ପଞ୍ଚାୟତର ୬ଟି ଗାଁ ସର୍ଗିଗୁଡା, ସମ୍ପାକୁଣ୍ଡ, ଟାଙ୍ଗିନୀ ଗଦନା, ଦିଶାରୀଗୁଡା, ରୁକିନି ଅଟାଲ, ସପ୍ତଧାରା, ସେହିପରି ମାଥିଲି ବ୍ଲକ ଧୂଙ୍ଗିଆପୁଟ ପଞ୍ଚାୟତର ବାଡିନିଗୁଡା ଓ ବେଙ୍ଗପାଣି ଦୁଇ ଗୋଟି ଗାଁ,କୁଟୁଣୀପାଲ୍ଲୀ ପଞ୍ଚାୟତର ଗୋଟିଏ ଗାଁ କୁଲାବେଡା ଓ କିଆଙ୍ଗ ପଞ୍ଚାୟତର ମଧ୍ୟ ଗୋଟିଏ ଗାଁ ମାଟିଗୁଡାକୁ ମିଶାଇ ମୋଟ ୨୫ଟି ଗାଁ କୋରାପୁଟ ଜିଲ୍ଲା ରାଜସ୍ୱ ମାନଚିତ୍ରରେ ଥିବାରୁ ସେହି ଗ୍ରାମ ଗୁଡିକର ଲୋକମାନଙ୍କୁ ଜଙ୍ଗଲ ଜମି ପଟ୍ଟା ପାଇଁ ତଦନ୍ତ ରିପୋର୍ଟ ଦେବା ସମ୍ଭବ ନୁହେଁ ବୋଲି ପ୍ରକାଶ କରିଛନ୍ତି। ରାଜସ୍ୱ ମାନଚିତ୍ରରେ ମାଲକାନଗିରି ଓ କୋରାପୁଟ ସୀମା ଗୋବିନ୍ଦପାଲ୍ଲି ପୁଲିସ ଚେକ୍ ପୋଷ୍ଟ ନିକଟରୁ ହୋଇଥିବା ବେଳେ ଗୋବିନ୍ଦପାଲ୍ଲି ଠାରୁ ବାର କିଲୋମିଟର ଦୂର କଷି ଗାଡ଼ରେ ମାଲକାନଗିରି କୋରାପୁଟ ସୀମା ବୋଲି ନାମ ଫଳକ ଲଗାଯାଇଛି। ଯାହା ଦ୍ୱାରା ସେଠାକାର ଲୋକ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଉଭୟ ଦୁଇ ଜିଲ୍ଲା ପ୍ରଶାସନ ତୁରନ୍ତ ସୀମା ନିର୍ଦ୍ଧାରଣ କଲେ ସେହି ୨୫ ଗୋଟି ଗାଁ ଲୋକେ ପ୍ରକୃତରେ କେଉଁ ଜିଲ୍ଲାରେ ଅବସ୍ଥିତ ଜଣାପଡ଼ିବ। ନଚେତ୍ ସେଠାରେ ବସବାସ କରୁଥିବା ଆଦିବାସୀ ଜଙ୍ଗଲ ଜମି ପଟ୍ଟା ପାଇବାରୁ ବଞ୍ଚିତ ହେବେ ବୋଲି କୁହାଯାଉଛି।

